## କରୋନା ଆକ୍ରାନ୍ତ ସାମ୍ବାଦିକଙ୍କ ପରିବାରକୁ ଅଣଦେଖା

# ଅଭିଯୋଗ ପରେ ସିଏମ୍‌ସିର ତତ୍ପରତା

କଟକ,୧୮/ଏନ୍‌ଏନ୍‌ଏସ୍ : କରୋନା ଆକ୍ରାନ୍ତ ହୋଇ ଢିମ୍ପୁ କୋଭିଡ୍ କେୟାରରେ ରହୁଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ଅଭିଯୋଗ ସୋସିଆଲ୍ ମିଡିଆରେ ଘୁରିବୁଲିବା ପରେ କଟକ ମହାନଗର ନିଗମ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ସଂପୃକ୍ତ ଅଞ୍ଚଳର ସେକ୍ଟର ଅଫିସର, ଆଶା ଓ ଅଙ୍ଗନବାଡି କର୍ମୀ ଷଣ୍ଢପୁରସ୍ଥିତ ତାଙ୍କ ପରିବାର ନିକଟରେ ପହଞ୍ଚି ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ସିଏମ୍‌ସି ଉପାୟୁକ୍ତ ଡ. ଅବିନାଶ ରାଉତ ଜଣାଇଛନ୍ତି ।

ପ୍ରକାଶ ଯେ, କରୋନା ଆକ୍ରାନ୍ତ ହୋଇଥିବା ଜଣେ ବୈଦ୍ୟୁତିକ ଗଣମାଧ୍ୟମ କ୍ୟାମେରାମ୍ୟାନ୍‌ଙ୍କ ପରିବାରକୁ ସମ୍ପୃକ୍ତ ଅଞ୍ଚଳରେ ଏକଘରିକିଆ କରାଯାଇଥିଲା । ଏପରିକି ଆଶାକର୍ମୀ ଓ ଅଙ୍ଗନବାଡି ଦିଦି ଏହି ପରିବାରକୁ ହତୋତ୍ସାହିତ କରିବା ସହ ସମସ୍ତ ପ୍ରକାର ଅସହଯୋଗ କରିଥିଲେ । ସିଏମ୍‌ସି ପକ୍ଷରୁ କେବଳ ଘର ସମ୍ମୁଖରେ କୋଭିଡ୍-୧୯ ସଂକ୍ରାନ୍ତୀୟ ଫଳକ ଝୁଲାଇ



ଦିଆଯାଇଥିଲା । ଏହାପରେ ସିଏମ୍‌ସି ମଧ୍ୟ ଚୁପ୍ ବସିଯାଇଥିଲା । ସଂପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ପରିବାର କୋଭିଡ୍ କଟକଣା ଦୃଷ୍ଟିରୁ ବାହାରକୁ ଯାଇପାରୁ ନଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଅଭାବରେ ଦୁଃଖ କଷ୍ଟରେ କାଳାତିପାତ କରୁଥିଲେ । ବୈଦ୍ୟୁତିକ ଗଣମାଧ୍ୟମର ଏହି କ୍ୟାମେରାମ୍ୟାନ୍ ଗତ ମାର୍ଚ୍ଚ ମାସରୁ କରୋନା ସମ୍ପର୍କିତ ଖବର ସଂଗ୍ରହ କରିଆସୁଥିଲେ । ଗତ କିଛିଦିନ ହେବ ତାଙ୍କୁ ଜ୍ୱର ହୋଇଥିଲା । ସେ ତତ୍କ୍ଷଣାତ୍ କୋଭିଡ୍ ଟେଷ୍ଟ କରିଥିଲେ । ତାଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିବା ପରେ ସେ ଟାଙ୍ଗୀସ୍ଥିତ କୋଭିଡ୍ କେୟାର ହୋମ୍‌ରେ ଚିକିତ୍ସିତ ହେଉଛନ୍ତି । ତେବେ ସେ ଗୁରୁତର ଅଭିଯୋଗ କରିଛନ୍ତି ଯେ, ତାଙ୍କ ଘର ଲୋକେ ହୋମ୍ କ୍ୱାରେଣ୍ଟାଇନ୍‌ରେ ଥିବାବେଳେ ତାଙ୍କ ଘର ସାନିଟାଇଜ୍ କରାଯାଇନଥିଲା । ଅଥଚ ଗ୍ରାମକୁ ସାନିଟାଇଜ୍ କରାଯାଇଥିଲା । ତାଙ୍କ ପରିବାର ଲୋକଙ୍କୁ ଘୃଣା କରାଯିବା ସହିତ ସାମୂହିକ କୂଅରୁ ପାଣି ଆଣିବା ପାଇଁ ବାରଣ କରାଯାଇଥିଲା । ଏଭଳି ପରିସ୍ଥିତିରେ ତାଙ୍କ ପରିବାରକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ପରିବା, ରାସନ, ପାନୀୟଜଳ ଯୋଗାଇ ଦେବାକୁ ସେ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିଲେ । ଜଣେ କରୋନା ଯୋଦ୍ଧାଙ୍କ ପରିବାରକୁ ଯଦି ଏଭଳି ମାନସିକ ନିର୍ଯାତନା ଦିଆଯାଏ ଏବଂ ମୌଳିକ ସୁବିଧାରୁ ବଞ୍ଚିତ କରାଯାଏ ତାହେଲେ ଅନ୍ୟ କରୋନା ରୋଗୀଙ୍କ ପରିବାର ଅବସ୍ଥା ଯେ କ'ଣ ହେଉଥିବ ସେଥି ନେଇ ସେ ପ୍ରଶ୍ନ ଉଠାଇଥିଲେ । ଏହି ମର୍ମରେ ସେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସିଏମ୍‌ସି କମିଶନରଙ୍କୁ ଅବଗତ କରାଇଥିଲେ । ତାଙ୍କର ଏହି ଅଭିଯୋଗ ସୋସିଆଲ୍ ମିଡିଆରେ ଘୁରି ବୁଲିବା ପରେ ଏହାକୁ ନେଇ ଗଣମାଧ୍ୟମ ପ୍ରତିନିଧି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।